## କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର,୨୩।୧(ସମିସ): ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳମାଧବ ସୁନା ଏବଂ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ତହସିଲଦାର ଡ. ପଲ୍ଲବୀ ପ୍ରିୟଦର୍ଶିନୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର



ତେଲକୋଇ,୨୩।୧(ସମିସ): ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ବାର୍‌ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ତେଲକୋଇ ବନାଞ୍ଚଳ ଭୀମକାଣ୍ଡ ପଞ୍ଚାୟତ ଡିମିରି ମୁଣ୍ଡା ଗ୍ରାମର ସୁଶୀଲ କୁମାର ବେହେରା (୨୮)। ତାଙ୍କୁ ପରିବାର ଲୋକ ପ୍ରଥମେ ତେଲକୋଇ ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୁଶିଲ ଆଜି ଗ୍ରାମ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ଡ଼ାହାଣ ଗୋଡ ଓ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇ ଥିବାରୁ ପ୍ରାଥମିକ ଚିକିତ୍ସାପରେ ସଙ୍ଗେସଙ୍ଗେ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିଲା।

## ମା’ କ୍ଲବ ଯୁବକ ସଂଘ ପକ୍ଷରୁ ସରସ୍ୱତୀ ପୂଜା



କେନ୍ଦୁଝର,୨୩।୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ହାତୀକୁଚା ପୁରୁଣା ସାହି ମା’ କ୍ଲବ ଯୁବକ ସଂଘ ପକ୍ଷରୁ ସରସ୍ୱତୀ ପୂଜା ପାଳିତ ହୋଇଛି। ସକାଳ ୧୧ ଟା ବେଳେ ଗ୍ରାମର ପୁଷ୍କରିଣୀରୁ ଜଳ କଳସ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା।ପୂଜକ ଚିତ୍ତରଂଜନ ମିଶ୍ର ନୀତି ନିୟମ ଅନୁସାରେ’ପୂଜା ସମ୍ପନ୍ନ କରିଥିଲେ। ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଦଶରଥ ଗିରି ସଂକଳ୍ପ ରେ ବସିଥିଲେ। କ୍ଲବର ଚିନ୍ମୟ ନାଏକ, ରାଜେଶ ଭଞ୍ଜ, ଶକ୍ତିମାନ ଦେହୁରୀ, ରାଜ୍ ମୁଖୀ,କିଶୋର ମୁଖୀ, କନ୍ଦର୍ପ ନାଏକ, ସୁଶାନ୍ତ ଦେହୁରୀ, ହରିଶ୍ ପ୍ରଧାନ, ଚନ୍ଦନ ଦେଓ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶିକ୍ଷାନୁଷ୍ଠାନରେ ମା’ ବୀଣାପାଣିଙ୍କୁ ଆରାଧନା







କେନ୍ଦୁଝର,୨୩।୧(ସମିସ): କେନ୍ଦୁଝର ଜିଲ୍ଲା ତଥା ସହରର ବିଭିନ୍ନ ସ୍ଥାନରେବିଦ୍ୟାରଦେବୀମା’ବୀଣାପାଣିଙ୍କର ପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟରେ ମା’ଙ୍କର ପୂଜା ଉପଲକ୍ଷେ ସକାଳୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ସହ ଭକ୍ତିମୟ ପରିବେଶ ମଧ୍ୟରେ ମା’ଙ୍କର ପୂଜାର୍ଚ୍ଚନା କରିଥିଲେ। କେନ୍ଦୁଝର ଧରଣୀଧରବିଶ୍ୱବିଦ୍ୟାଳୟରବିଭିନ୍ନବିଭାଗ, ରକାରୀ ମହିଳା ମହାବିଦ୍ୟାଳୟ,ଡିଏନ୍ ହାଇସ୍କୁଲ, ନରସିଂହସ୍ୱାଇଁ ପୁଲିସ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଟାଉନ ବାଳିକା ବିଦ୍ୟାଳୟ, ମୋଚିବନ୍ଧ ହାଇସ୍କୁଲ, କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଡିମ୍ପୋସ୍ଥିତ କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ, କେନ୍ଦୁଝର ନର୍ସିଂ କଲେଜ, ଫାର୍ମାସୀ କଲେଜ, ବଡହଲସ୍ଥିତ କେଏସ୍‌ଇ ଯୁକ୍ତ ୨ ସାଇନ୍ସ କଲେଜ ଆଦି ଅନୁଷ୍ଠାନମାନଙ୍କ ସହ ସହର ଓ ଆଖପାଖ ଅଞ୍ଚଳର ଅନେକ ଶିକ୍ଷାନୁଷ୍ଠାନମାନଙ୍କରେ ମା’ ସରସ୍ୱତୀଙ୍କର ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏଥିସହ କେନ୍ଦୁଝର ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ସିଟିଜି ଗ୍ଲୋବାଲ ସ୍କୁଲ,ସିଟିଜି ବିଦ୍ୟାମନ୍ଦିର,କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ,କେନ୍ଦୁଝର ଡିଗ୍ରୀ କଲେଜ ଏବଂ କେନ୍ଦୁଝର ସିଟିଜି ପ୍ରଫେସନାଲ ରେ ମା’ ବୀଣାପାଣିଙ୍କର ପୂଜା ଅନୁଷ୍ଠିତ ହୋଇଛି।

**ହାଟଡ଼ିହୀ :** ହାଟଡ଼ିହୀ ବ୍ଲକର କୋଣଅନୁକୋଣରେ ଆଜିର ଶ୍ରୀପଞ୍ଚମୀ ଉପଲକ୍ଷେ ମା’ ସରସ୍ୱତୀଙ୍କ ପୂଜା ହୋଇଛି। ହାଟଡ଼ିହୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ସଂଯୋଜନାରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍କୁଲ କର୍ମଚାରୀଙ୍କ ଉପସ୍ଥିତିରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚଣ୍ଡିଆ ବିରଞ୍ଚିପୁର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧ୍ୟକ୍ଷ ଉଦୟନାଥ କରଙ୍କ ପୂର୍ଣ୍ଣ ଆବାହ୍ନକତାରେ ମା’ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ପାର୍ଥସାରଥୀ ଜେନା ଏବଂ ବିଜୟ କୁମାର ପହି ପରିଚାଳନା କରିଥିଲେ। ଏହିପରି ସୋସୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ରାଉତଙ୍କ ସଂଯୋଜନାରେ ମା’ ସରସ୍ୱତୀଙ୍କ ପୂଜା କରାଯାଇଥିଲା। ଶିକ୍ଷକ ପବିତ୍ର ବାରିକ, ସୁଜିତ କୁମାର ମହାନ୍ତି ସ୍କୁଲ ପିଲାମାନଙ୍କ ସହ କଳସ ଆଣିବା ସହ ପୂର୍ଣ୍ଣ ରୀତିନୀତିରେ ପୂଜା କାର୍ଯ୍ୟର ଦାୟିତ୍ୱ ବହନ କରିଥିଲେ। ଏଥିରେ ସ୍କୁଲ ଚେୟାରମ୍ୟାନ ବସନ୍ତ କୁମାର ମହାନ୍ତି, ପୂର୍ବତନ ସମବାୟ ସମିତି ସଭାପତି ପ୍ରଣବ ପ୍ରକାଶ ମହାନ୍ତିଙ୍କ ସହିତ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା, ଅଙ୍ଗୁରବାଳା ସେନାପତି ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପୂଜାକାର୍ଯ୍ୟରେ ପରିଚାଳନା କରିଥିଲେ। ସେହିପରି ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ପୂଜାକାର୍ଯ୍ୟରେ ସଂକଳ୍ପ କରିଥିଲାବେଳେ ଜଳକଳଙ୍ଗ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବଚରଣ ପାତ୍ରଙ୍କ ସଂଯୋଜନାରେ ମା’ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

**ଚମ୍ପୁଆ :** ପୁରପଲ୍ଲିରେ ବିଦ୍ୟାଦାୟିନୀ ମା’ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ଚମ୍ପୁଆ ସଦରମହକୁମା ସହିତ ବିଭିନ୍ନସ୍ଥାନରେ ଏହି ପୂଜା ପାଳିତ ହୋଇଥିବା ବେଳେ ସରକାରୀ , ବେସରକାରୀ ବିଦ୍ୟାଳୟ ସମେତ କୋଚିଂକେନ୍ଦ୍ରଠାରେ ଛାତ୍ରଛାତ୍ରୀମାନେ ଭକ୍ତିର ସହିତ ଏହାକୁ ପାଳନ କରିଛନ୍ତି। ବିଭିନ୍ନ ଯୁବକ ସଂଘ ପକ୍ଷରୁ ମଧ ଏହି ପୂଜା ଅୟୋଜନ କରାଯାଇଥିବା ବେଳେ ସୁସଜ୍ଜିତ ମଣ୍ଡପରେ ମାଙ୍କ ପୂଜାର୍ଚ୍ଚନା କରାଯାଇଛି। ଚମ୍ପୁଆ ସ୍ଥିର ଶିଶୁମନ୍ଦିର, ଶ୍ରୀଅରୋବିନ୍ଦ, କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଆକାଶଜ୍ୟୋତି ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟ, ଖରମହାବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ବାଳିକା ଉଚ୍ଚବିଦ୍ୟାଳୟସମେତ ତ୍ରିନାଥ ଯୁବକ ସଂଘ ଏବଂ ବିଭିନ୍ନ ଗ୍ରାମ ଗୁଡିକରେ ମା ସରସ୍ୱତୀଙ୍କ ପୂଜା ଆୟୋଜିତ ହୋଇଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର,୨୩।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ପଣ୍ଡୁଆ ପଞ୍ଚାୟତ ପଣ୍ଡୁଆ ଗ୍ରାମର ଶିକ୍ଷକ ସୌଭାଗ୍ୟ କୁମାର ଜେନାଙ୍କ ମାତୃ କମଳିନୀ ଜେନାଙ୍କ ୮୦ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ କଟକ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶ୍ରୀମତି ଜେନା ଅଞ୍ଚଳରେ ଜଣେ ପରୋପକାରୀ ମିଷ୍ଟଭାଷୀ କର୍ତ୍ତବ୍ୟ ପରାୟଣତା ମହିଳା ଥିଲେ। ତାଙ୍କ ମୃତ୍ୟୁ ଶରୀର ନିକଟରେ ତିନି ପୁଅ, ତିନି ବୋହୂ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ପ୍ରିୟଜନ ମାନେ ଉପସ୍ଥିତ ଥିଲେ। ଗ୍ରାମସ୍ଥିତ ଶ୍ମଶାନ ଘାଟରେ ଅନ୍ତିମ ସତ୍କାର କରାଯାଇଥିଲା। ମୁଖାଗ୍ନି କନିଷ୍ଠ ପୁତ୍ର ସୌଭାଗ୍ୟ କୁମାର ଜେନା ଦେଇଥିଲେ।

# ଆନନ୍ଦପୁରରେ ନେତାଜୀଙ୍କ ଜୟନ୍ତୀ



ଆନନ୍ଦପୁର,୨୩।୧(ସମିସ): ଆନନ୍ଦପୁର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କର ଜୟନ୍ତୀ ଆନନ୍ଦ ଭବନଠାରେ ପାଳିତ ହୋଇଯାଇଛି। ଏହି ସଭାରେ ପରିଷଦର ଉପସଭାପତି ରମାକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ରତ୍ନାକର ଦାସ ଓ ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡିତ ମଞ୍ଚାସୀନ ହୋଇ ମହାନ୍ ସଂଗ୍ରାମୀ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କର ଦେଶପ୍ରେମ, ତ୍ୟାଗ ଓ ବଳିଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ବିଜୟ କୁମାର ସାହୁ ଦୁଇ ସଂଗ୍ରାମୀଙ୍କର ବୀରପୁତ ଜୀବନ ବିଷୟରେ ମୂଲ୍ୟବୋଧ ଭିତ୍ତିକ ଭାଷଣ ଉପସ୍ଥାପନା କରିଥିଲେ। ସାବିତ୍ରୀ ଦାସ, ରଙ୍ଗାଧର ନନ୍ଦି, ପବିତ୍ର ମୋହନ ବେହେରା, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ଶିଶୁ କବି ସତ୍ୟଜିତ ପାତ୍ର, ରଘୁନାଥ ପଣ୍ଡିତ ଏବଂ କାର୍ଯ୍ୟକାରୀ ସମ୍ପାଦକ ରାମଚନ୍ଦ୍ର ଜେନା ସ୍ୱରଚିତ କବିତାମାନ ପାଠ କରିଥିଲେ। ଅନେକ ଶିଶୁ ଓ ସମୁଦାୟ ୩୨ ଜଣ ସଦସ୍ୟ ଯୋଗଦାନ କରିଥିଲେ। ଚତୁର୍ଭୁଜ ଜେନା ସଂଯୋଜନା କରିଥିଲାବେଳେ ପଦ୍ମନାଭ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଲକ୍ଷାଧିକ ଟଙ୍କାର ମହୁଲ ପୋଚ ନଷ୍ଟ



ତୁରୁମୁଙ୍ଗା,୨୩।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ହିରାପଶି ଗ୍ରାମରେ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତ ସମୟରେ ଗୁରୁବାର ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମହୁଲି ପୋଚ ନଷ୍ଟ କରିଛି। ଚଢ଼ଉ ଦେଖି ମାଫିଆ ଛତ୍ରଭଙ୍ଗ ଦେଇ ଫେରାର ହୋଇ ଯାଇଥିଲେ। ତେବେ ମାଟି ତଳେ ଗାତକରି ମହୁଲ ପଚକୁ ରଖିଥିଲେ। ଏଠାରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରି ମାଫିଆ ମାନେ କେନ୍ଦୁଝର ତଥା ଅନ୍ୟ ଅଞ୍ଚଳକୁ ଚାଲାଣ କରୁଥିଲେ। ଚଢ଼ଉରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ତୁରୁମୁଙ୍ଗା ଥାନା ଏସ୍‌ଆଇ ସୁରେଶ ସାହୁଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

# ସୋସୋରେ ଗୀତା ମହାଯଜ୍ଞ ଧ୍ୱଜା ସ୍ଥାପନ



ହାଟଡ଼ିହୀ,୨୩।୧(ସମିସ): ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମରେ ଆସନ୍ତା ୩୦ତାରିଖ ଠାରୁ ୭ଦିନ ଧରି ୫୭ତମ ଗୀତା ମହାଯଜ୍ଞ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଗୀତା ମହାଯଜ୍ଞର ସାତଦିନ ପୂର୍ବରୁ ଅର୍ଥାତ୍ ବସନ୍ତ ପଞ୍ଚମୀ ଦିନ ଧ୍ୱଜା ସ୍ଥାପନର ନିୟମ ଥିବାବେଳେ ଆଜି ଯଜ୍ଞ କମିଟିର ସଭାପତି ରମେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ଦୀନବନ୍ଧୁ ପହି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ରାଉତଙ୍କ ସମେତ ସରପଞ୍ଚ ରାଜେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ବାବୁଲି ସିଂ, କୁଳମଣି ରାଉତ, ସୁକୁମାର ଦାସ, ରାଜେଶ ସିଂ, ଆନନ୍ଦ ସିଂ ପ୍ରମୁଖଙ୍କ ସହିତ ଅନ୍ୟ ସଦସ୍ୟ ଏବଂ ଗ୍ରାମବାସୀ ଏକତ୍ରିତ ହୋଇ ଯଥାରୀତିନୀତି ଅନୁସାରେ ନିକଟସ୍ଥ ସାଳନ୍ଦୀ ନଦୀରୁ କଳସ ଆଣିବା ସହ ଧ୍ୱଜା ପୂଜା କରିଥିଲେ। ପରେ ଯଜ୍ଞସ୍ଥଳରେ କମିଟି ସଭାପତି ରମେଶ ଚନ୍ଦ୍ର ମହାନ୍ତି ଏକ ନୂତନ ବାଉଁଶ ଦ୍ୱାରା ଏହି ଧ୍ୱଜାସ୍ଥାପନ କରିଥିଲେ। ଭାଇଚାରା ସମ୍ପନ୍ନ ସୋସୋ ଗ୍ରାମରେ ହିନ୍ଦୁ ମାନଙ୍କ ସହ ମୁସଲିମ୍ ସମ୍ପ୍ରଦାୟର ଲୋକେ ଏକତ୍ରିତ ବସବାସ କରୁଥିବାରୁ ଏହି କାର୍ଯ୍ୟକ୍ରମରେ ସେମାନେ ମଧ ଏଥିରେ ସହଯୋଗ କରିଥା’ନ୍ତି।

### ନଦୀ ଗର୍ଭରେ ଲୀନହେବ ହବଲେଶ୍ୱର

# ବେଆଇନ ବାଲି ଚାଲାଣ ଯୋଗୁ ଉତ୍ତେଜନା



ଆନନ୍ଦପୁର,୨୩।୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଇଲାକାର ହାବେଳେଶ୍ୱର ନିକଟରେ ବୈତରଣୀ ନଦୀପଠାରୁ ଦୈନନ୍ଦିନ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀ ଗର୍ଭରେ ଗାଁ ଲୀନ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏହି କାରବାରକୁ ଗ୍ରାମବାସୀ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଏଠାରୁ ପଡ଼ୋଶୀ ଜିଲ୍ଲା ଦେଇ ପଶ୍ଚିମବଙ୍ଗକୁ ବାଲି ଚୋରା ଚାଲାଣ କରା ଯାଉଥିଲେ ମଧ ଧରପଗଡ଼ ହେଉ ନ ଥିବାରୁ କାରବାର ଦିନକୁ ଦିନ ବଢ଼ିଚାଲିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲାରେ ଥିବା ଖଣି ଅଧିକାରୀଙ୍କ ଦୁର୍ବଳତା ବାରି ହେଉଥିବା ଅଭିଯୋଗ ହୋଇଛି। ବୈତରଣୀ ନଦୀ ବାଲି ଶଯ୍ୟା ତହସିଲ ପକ୍ଷରୁ ଲିଜ୍ ଦିଆଯାଇଥିବାବେଳେ ଆବଶ୍ୟକ କାଗଜପତ୍ର ନ ଥିବାରୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ନାହିଁ। ହେଲେ ହାବଳେଶ୍ୱର ଘାଟରୁ ଦୈନିକ ବହୁ ସଂଖ୍ୟକ ହାଇୱା ଯୋଗେ ବାଲି ପରିବହନ ହୋଇଥିବା ବେଳେ ଟ୍ରାଞ୍ଜିଟି ପାସ୍ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଖଣି ବିଭାଗ ଓ ବାଲି ମାଫିଆ ଭିତରେ ଅସାଧୁ ମେଣ୍ଟ ଥିବାରୁ ରାଜସ୍ୱ ହାନୀ ହେଉଛି ଏବଂ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।୧୨ ଚକିଆ ୧୬ ଚକିଆ ଗାଡ଼ିକୁ ବାଲି ଘାଟରୁ ବାଲି ପରିବହନ ପାଇଁ ଅନୁମତି ନ ଥିବା ବେଳେ ଏହାର ବ୍ୟତିକ୍ରମ ହବେଳେଶ୍ୱର ବାଲି ଘାଟରେ ପରିଲକ୍ଷିତ ହୋଇଛି। ଏହି ଘାଟ ଚିହ୍ନଟ କରାଯାଇଥିଲେ ମଧ ସୀମା ଅତିକ୍ରମ କରାଯାଇ ଦିନରାତି ବାଲି ଉତ୍ତୋଳନ ହେଉଥିବାରୁ ଅଞ୍ଚଳ ବାସି ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷ ସୂତ୍ରରୁ ସୂଚନା ମିଳିଛି ଗ୍ରାମ୍ୟ ରାସ୍ତାରେ ୧୨ ଚକିଆ୧୬ ଚକିଆ ବାଲି ଓଭରଲୋଡ ନେବାରୁ ରାସ୍ତା ମରଣଯନ୍ତାରେ ପରିଣତ ହେଲାଣି। ଏନେଇ ଅଞ୍ଚଳବାସୀ ଅଭିଯୋଗ କଲେ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ହାବଳେଶ୍ୱରରୁ ରଣା ରାସ୍ତାଦେଇ ବାଲି ଗାଡ଼ି ଅନବରତ ଯାଉଥିବାରୁ ସ୍କୁଲ ପିଲାମାନେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଓ କେନ୍ଦୁଝର ଜିଲ୍ଲାପାଳ ଦୃଷ୍ଟି ଦେଲେ ବାଲି ଚୋରି ବନ୍ଦ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ



ତୁରୁମୁଙ୍ଗା,୨୩।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଟାଙ୍ଗରପଡ଼ା ଆରଆଇ ସର୍କଲ ଅଙ୍କୁରା ବୈତ୍ରରଣୀ ନଦୀରୁ ବେଆଇନ ବାଲି ଚୋରାଚାଲାଣ ସମୟରେ ବନ ବିଭାଗ ଚଢ଼ଉ କରି ଟ୍ରାକ୍ଟରକୁ ଜବତ କରିଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଜବତ ଟ୍ରାକ୍ଟରକୁ ରେଞ୍ଜ କାର୍ଯ୍ୟାଳୟକୁ ଆଣି ବନବିଭାଗ ତଦନ୍ତ କରୁଛି। ଚଢ଼ଉରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସମେତ ବନ ବିଭାଗର ପାରାଷ୍ଟାଫ୍ ସାମିଲ ଥିଲେ।

# ବାଲେଶ୍ୱରରେ ବିଦ୍ୟାଦାତ୍ରୀ ବୀଣାପାଣିଙ୍କ ଆରାଧନା



















## ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୩।୧(ସମିସ): ଆସନ୍ତା ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫକୀରମୋହନ ବିଶ୍ୱବିଦ୍ୟାଳୟ ଭ୍ରମଣ ପୂର୍ବରୁ ଆଜି ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ, ବାଲେଶ୍ୱରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଶାସନିକ ଅଧିକାରୀମାନେ, ପୁଲିସ୍ ଅଧିକାରୀମାନେ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଉପକୁଳପତି, ରେଜିଷ୍ଟ୍ରାର ଏବଂ ସମସ୍ତ ସମ୍ପୃକ୍ତ ଲାଇନ୍ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ରାଷ୍ଟ୍ରପତିଙ୍କ ଭ୍ରମଣ ସମୟରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, ଯାତାୟାତ ବ୍ୟବସ୍ଥା, ଆୟୋଜନ ସ୍ଥଳର ପ୍ରସ୍ତୁତି




ଏବଂ ବିଭାଗୀୟ ସମନ୍ୱୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ସମନ୍ୱୟରେ କାର୍ଯ୍ୟ କରି ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ସମୟ ମଧ୍ୟରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

● 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟୋତ୍ସବ

## ଚତୁର୍ଥ ସନ୍ଧ୍ୟାରେ ନାଟକ 'ଫୁଲ୍ ଟେନସନ୍'

ବାଲେଶ୍ୱର,୨୩।୧(ସମିସ): 'ନାଟ୍ୟପ୍ରଭା'ର ୨୨ ତମ ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟା ତଥା ସାଳନ୍ଦୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ନାଟକ 'ଫୁଲ୍ ଟେନସନ୍', ନାୟିକା ଅନୁଷ୍ଠାନ ବାଲେଶ୍ୱର ଦ୍ୱାରା



ମଞ୍ଚସ୍ଥ ହୋଇଛି। ସହରର ଗାନ୍ଧିସ୍ମୃତି ଭବନରେ ଆୟୋଜିତ ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସୁସ୍ମିତା ରଣାଙ୍କ ନିର୍ଦ୍ଦେଶିତ, ଆନନ୍ଦ ଚନ୍ଦ୍ର ପହିଙ୍କ ରଚିତ ନାଟକଟି ଦର୍ଶକଙ୍କୁ ବେଶ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଏହି ଅବସରରେ ଡ. କୁମାର ଗୋପାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ଓଡ଼ିଆ ଚଳଚ୍ଚିତ୍ର ଓ ସିରିଏଲ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଧୀର ମଲ୍ଲିକ, ଅତିଥି ଭାବେ ଯାତ୍ରା ନାଟ୍ୟ ନିର୍ଦ୍ଦେଶକ ତାପସ ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ଗିରି, ଅଭିନନ୍ଦନ ପତ୍ରିକାର ସମ୍ପାଦକ ଜଗଦୀଶ ମିଶ୍ର, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ମଞ୍ଚ ନାଟକ ନିର୍ଦ୍ଦେଶକ ଚିନ୍ମୟ ରକ୍ଷିତ୍ ପ୍ରମୁଖ ଯୋଗ ଦେଇଥିଲେ। ନାଟ୍ୟକାର, ନିର୍ଦ୍ଦେଶକ ଧିର ମଲ୍ଲିକଙ୍କୁ "ନାଟ୍ୟ ପ୍ରଭା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ନିର୍ଦ୍ଦେଶିକା ସୁସ୍ମିତା ରଣାଙ୍କ "ଫୁଲ ଟେନସନ'ର ନିର୍ଦ୍ଦେଶନା ପାଇଁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟକ ସମାଜର ବାର୍ତ୍ତା ବହନ କରେ। ଏବେ ଡିଜିଟାଲ ଯୁଗରେ ନାଟକର ଗୁରୁତ୍ୱ କମିନାହିଁ ଆଜି ବି ଦର୍ଶକ ୬୦୦/୭୦୦ ଟିକେଟ କାଟି ନାଟକ ଦେଖୁଛନ୍ତି। ଭଲ କଥା ବସ୍ତୁ ରହିଲେ ନାଟକ ଦେଖିବାକୁ ଆଗଭର ହେବେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ 'ନାଟ୍ୟପ୍ରଭା'ର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭୀମେଶ୍ୱର ମକର ମହୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୨୩।୧(ସମିସ): ପ୍ରସିଦ୍ଧ ଶୈବପୀଠ ବାବା ଭୀମେଶ୍ୱର ମହାଦେବଙ୍କ ଠାରେ ଚାଲିଥିବା ସପ୍ତଦିନାତ୍ମକ ମକର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ବକାସୁର ପୋଡି ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ କମିଟି ସଭାପତି ପ୍ରଭାତ ବିଶ୍ୱାଳଙ୍କ ପୌରୋହିତ୍ୱରେ ମୁଖ୍ୟଅତିଥି ଭାବେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ଉପଦେଷ୍ଟା ଡ.ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ସମ୍ପାଦକ କୀର୍ତ୍ତି ରଞ୍ଜନ ଦ୍ୱିବେଦୀ, ବରିଷ୍ଠ ସଦସ୍ୟ ଧନଞ୍ଜୟ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ସାମଲ, ଗୋବିନ୍ଦ ଦାସ, ଜୟକୃଷ୍ଣ ଜେନା, ଅତୁଲ୍ୟ ଦାସ, ଅମୁଲ୍ୟ ଦାସ, ତାପସ ରଥ, ଚିନ୍ମୟ ରଥ, ସତ୍ୟରଞ୍ଜନ ରଥ, ଈଶ୍ୱର ଦାସ, ସତ୍ୟବ୍ରତ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ, ଯୋଗେନ୍ଦ୍ର, କାଳିଆ, କେଶବ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କଟକଣା ସତ୍ତ୍ୱେ ନୀଳଗିରିରେ ତମାଖୁ ଓ ନିକୋଟିନ ସାମଗ୍ରୀ ବିକ୍ରି

ନୀଳଗିରି,୨୩।୧ (ସମିସ): ରାଜ୍ୟ ସରକାର ତମାଖୁ ଓ ନିକୋଟିନ ଜାତୀୟ ନିଶା ସାମଗ୍ରୀ ଉପରେ କଟକଣା ଲଗାଇଛନ୍ତି। ତମାଖୁର ଭୟାବହତାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନ ମାଧ୍ୟମରେ ସଚେତନ ମଧ୍ୟ କରୁଛନ୍ତି। ତେବେ ୨୦୧୩ ମସିହାରୁ ଏହି ଆଇନ ପ୍ରଣୟନ ହୋଇ ୧୨ବର୍ଷ ହେବ ଏଭଳି ନିଶା ସାମଗ୍ରୀକୁ ନିଷିଦ୍ଧ ଘୋଷଣା କରାଯାଇଥିଲେ ମଧ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସମେତ ସାରା ଜିଲ୍ଲାରେ ତମାଖୁ, ଗୁଟଖା ଗାଁ ଗହଳି ଠାରୁ ଆରମ୍ଭ କରି ବଜାରର ବିଭିନ୍ନ ଦୋକାନରେ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ଏଭଳି ନିଶାଦ୍ରବ୍ୟ ଯେଭଳି ସାରା ଜିଲ୍ଲାରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ଏଣୁ ସରକାରଙ୍କ ତମାଖୁ ନିଷେଧ ଆଇନ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି ଯାହା ବୁଦ୍ଧିଜୀବି ମନକୁ ବ୍ୟଥିତ କରିଛି। ଜର୍ଦ୍ଦା, ମସଲା, ଗୁଟୁଖା ସେବନ କରି ସ୍ୱାସ୍ଥ୍ୟ ବିଗୁଡ଼ିଥିବା ବେଳେ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଏପରିକି ଅମୂଲ୍ୟ ଜୀବନ ହାରୁଥିବାର ଦେଖାଯାଇଛି। ଏହି ସାମଗ୍ରୀକୁ ସବୁ ପାନ ଦୋକାନୀ, ହୋଲସେଲ ଦୋକାନୀ ମାନେ ପୂର୍ବାପେକ୍ଷା ଏବେ ଖୁଲମଖୁଲା ଅଧିକ ମାତ୍ରାରେ ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ପ୍ରତ୍ୟକ ଚା', ପାନ ଦୋକାନଠାରୁ ଆରମ୍ଭକରି ତେଜରାତି ଦୋକାନରେ ମଧ୍ୟ ସାଧାରଣ ଅତ୍ୟାବଶ୍ୟକ ଜିନିଷ ଭଳି ମାଳମାଳ ଗୁଟଖା ଦୋକାନ ଆଗରେ ଝୁଲାହୋଇ ବିକ୍ରି ହେଉଛି। ସେବନକାରୀଙ୍କ ମଧ୍ୟରେ ବହୁ ଶିକ୍ଷିତ ବ୍ୟକ୍ତି ଓ ଯୁବକ ରହିଛନ୍ତି। ନିଶା ସେବନକାରୀମାନେ କର୍କଟ ସମେତ ବହୁ ସାଙ୍ଘାତିକ ଦୁରାରୋଗରେ ପଡୁଥିବାରୁ ରାଜ୍ୟ ସରକାରଙ୍କ ତରଫରୁ ତମାଖୁ ଓ ନିକୋଟିନ ସାମଗ୍ରୀ ଉତ୍ପାଦନ ଓ ବିକ୍ରିକୁ ଅସିଦ୍ଧ ଘୋଷଣା କରାଯାଇ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ନିଷେଧାଦେଶ ଜାରି କରାଯାଇଛି। ଏଥିସହ ସୁସ୍ଥ ଓ ତମାଖୁମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ତେବେ ସରକାରଙ୍କ ଏଭଳି ଆହ୍ୱାନ ସତ୍ତ୍ୱେ ବ୍ୟବସାୟୀ ମାନୁନାହାନ୍ତି କି ସେବନକାରୀ ଚେତୁ ନାହାନ୍ତି। ବର୍ତ୍ତମାନ ଚଢାଦରରେ ଗୁଟଖା ଓ ତମ୍ବାଖୁ ବିକ୍ରି ହେଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଖୁଚୁରା ବ୍ୟବସାୟୀ ଏହାକୁ ଅଧିକ ଦାମରେ କିଣିବା ପରେ ଚଢ଼ା ଦରରେ ବିକ୍ରୀ କରୁଥିବା କହୁଛନ୍ତି। ଏଭଳି ବେଆଇନ ଗୁଟଖା ଓ ତମାଖୁ କମ୍ପାନୀ ଓ କଳା ବଜାରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ନେତାଜୀ ଜୟନ୍ତୀ ପାଳିତ

ବାଲେଶ୍ୱର,୨୩।୧(ସମିସ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଦ୍ୟମ ସାହସ, ଦେଶପ୍ରେମ, ସ୍ୱାଧୀନତା ସଂଗ୍ରାମର ବଳିଦାନକୁ କୃତଜ୍ଞ ରାଷ୍ଟ୍ର ଚିରଦିନ ପାଇଁ ସ୍ମରଣୀୟ ରଖୁଥିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମତ ପ୍ରକାଶ କରିଛନ୍ତି। ଆଜି ସକାଳେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଆୟୋଜିତ ନେତାଜୀ ଜୟନ୍ତୀ ପାଳନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ନାୟକ କହିଲେ ଯେ, ବାଲେଶ୍ୱର ସହିତ ନେତାଜୀଙ୍କ ସମ୍ପର୍କ ରହିଥିଲା ଏହି ଟାଉନ ହଲ ତା'ର ମୂକ ସାକ୍ଷୀ। ସୁଭାଷ ବୋଷ ଟାଉନ ହଲ ପରିସରରେ ସଭା କରିଥିବା ବେଳେ ଷ୍ଟେସନ ପାଖ ଡାକବଙ୍ଗଳାରେ ରହିଥିଲେ। ଏ ସମ୍ପର୍କକୁ ଯୁବସମାଜ ପାଖରେ ପହଞ୍ଚାଇବାକୁ ଓୟୁଜେର ଉଦ୍ୟମକୁ ସେ ପ୍ରଶଂସା କରିଥଲେ। ୟୁନିଅନର ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ପାଳନ ବେଳେ ଟାଉନହଲ ପରିସରରେ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ସଦସ୍ୟ ମାନେ ସାମୂହିକ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ଅଜିମ ବାଲେଶ୍ୱରୀ, କହ୍ନେଇ ଚରଣ ପ୍ରଧାନ, ମହେଶ୍ୱର ପ୍ରଧାନ, ରମଣୀ ରଞ୍ଜନ ଦାସ, ଅରୂପ ନାରାୟଣ ମହାନ୍ତି, ସମାଜସେବୀ ଚନ୍ଦ୍ରାଂଶୁ ବାନାର୍ଜୀ, ଗୌର ସାଧନ ମିଶ୍ର, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଅଧିପ କୁମାର ଜେନା, ସୌମ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଟାଉନ ସଭାପତି ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

**ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ:** ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ତରଫରୁ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଉପଲକ୍ଷେ ବାଲେଶ୍ୱରର ଷ୍ଟେସନ ଛକ ନିକଟରେ ଅପରାହ୍ଣ ତିନି ଘଟିକା ସମୟରେ ବସ୍ତ୍ର ବିତରଣ କାର୍ଯ୍ୟକ୍ରମ "ଥିଲେ ଦିଅ, ନଥିଲେ ନିଅ' ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୋନାଲିସା ମହାନ୍ତିଙ୍କ ପରାମର୍ଶ କ୍ରମେ ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ, ସହ ପ୍ରଶାସନିକ ଓ ରେଡକ୍ରସ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ ଓ ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ବିନୀତ କୁମାର ପାଢ଼ୀ କିଛି ଛାତ୍ରଙ୍କ ସହଯୋଗରେ ବଣ୍ଟନ କାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି କ୍ଷୁଦ୍ର ସହଯୋଗ ଷ୍ଟେସନ ପାଖାପାଖି ରହୁଥିବା ଖୋଲା ଆକାଶ ତଳେ ଅଭାବୀ ଲୋକମାନଙ୍କର ଶୀତ କଷ୍ଟକୁ ଦୂର କରିବାରେ ସହାୟକ ହୋଇ ପାରିବ ବୋଲି ଜନମତ ପ୍ରକାଶ ପାଇଛି। ଏଥିରେ ସହଯୋଗ କରିଥଲେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ରସାୟନ ବିଜ୍ଞାନର ଅଧ୍ୟାପକ ଜ୍ଞାନ ରଞ୍ଜନ ବେହେରା, ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଓ ବଳାଙ୍ଗି ମହାବିଦ୍ୟାଳୟର ରସାୟନ ବିଜ୍ଞାନର ଅଧ୍ୟାପକ ପ୍ରଭାତ କୁମାର ସ୍ୱାଇଁ।






ସକାଳ THE SAKALA



www.sakalaepaper.com

# ବାଗ୍‌ଦେବୀଙ୍କ ଆରାଧନା; ଚଳଚଞ୍ଚଳ ପୁରପଲ୍ଲୀ














**ଜଳେଶ୍ୱର, ୨୩।୧ (ସମିସ)**

ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ବିଦ୍ୟାଦାତ୍ରୀ ଦେବୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ଜଳେଶ୍ୱର ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ, ଛାତ୍ରାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ମହାଆଡମ୍ବର ସହିତ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ସୁଉଚ୍ଚ ତୋରଣ ସହିତ ଆଲୋକମାଳାରେ ସହର ଉଦ୍‌ଭାସିତ ହେଉଥିବାର ଦେଖାଦେଇଛି। ଡ୍ରୀମସ୍ କ୍ଲବ ପକ୍ଷରୁ ସବ୍ ରେଜେଷ୍ଟ୍ରୀ କାର୍ଯ୍ୟାଳୟ ଛକ ସ୍ଥିତ ମା ମଙ୍ଗଳା କ୍ଲବ ଆନୁକୂଲ୍ୟରେ ସୁଉଚ୍ଚ ଦେବୀ ମାଆଙ୍କର ପ୍ରତୀମା ପୂଜା ପାଉଥିବା ବେଳେ ସନ୍ଧ୍ୟାରେ କ୍ଲବର ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବ ପକ୍ଷରୁ ଆନନ୍ଦ କର, ସୁବ୍ରତ କର, ସଞ୍ଜୀବ ପାତ୍ର, ଆକାଶ କର, ସୁମନ୍ତ କର, ବିବେକ ପାଲ, ଅଭିଜିତ କର, ନରହରି ବେହେରା, ସୁମିତ ସାହୁ, ନିମାଇ କର, ସୁହେନ୍ଦୁ ଦାସ, ପୁଲକ ନନ୍ଦୀ, ପ୍ରଶାନ୍ତ ଭଞ୍ଜ, ସୁଶାନ୍ତ ଭଞ୍ଜ, ଅଙ୍କିତ କର, ବିବେକ ପାଲ, ଅକ୍ଷୟ ହାଜିର ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟ ତୁଲାଇ ଥିଲେ। ସେହିପରି ଜଳେଶ୍ୱର ସହରର ଦେଉଳୀ ଫଟୁଘଣ୍ଟା ସ୍ଥିତ ମା ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଦେବୀ ମାଆଙ୍କର ପ୍ରତୀମା ପୂଜା ପାଉଥିବା ବେଳେ ସନ୍ଧ୍ୟାରେ କ୍ଲବର ବାର୍ଷିକ ଉତ୍ସବ ପାଳନ ସହିତ ସଂସ୍କୃତିକ କାର୍ଯ୍ୟକ୍ରମ ଓ ପୂଜ୍ୟ ଗୁରୁଜନ ବନ୍ଦନା ଅନୁଷ୍ଠିତ ହୋଇଥିଲା। ୨୪ତାରିଖ ସ୍ୱାସ୍ଥ୍ୟ ଶିବିର ସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ଗଣେଶ କ୍ଲବ ପକ୍ଷରୁ ଜଳେଶ୍ୱର ବଡ ବଜାର ଛକ ନିକଟରେ ଓ ନରସିମା କ୍ଲବ ପକ୍ଷରୁ ନୂଆବଜାର ଠାରେ ସୁଉଚ୍ଚ ଦେବୀ ପ୍ରତୀମାଙ୍କର ମେଢ ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। ଏହା ବ୍ୟତିତ ଜଳେଶ୍ୱର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ବିଦ୍ୟା ମନ୍ଦିର, ଶାଳିକୋଠା ସଦାଶିବ ଉଚ୍ଚ ବିଦ୍ୟାଳୟ, ମହମ୍ମଦନଗର ପାଟଣା ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିର, ଜଳେଶ୍ୱର ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, +୩ ଡିଗ୍ରୀ ମହାବିଦ୍ୟାଳୟ, ଜଳେଶ୍ୱର ମହିଳା ମହାବିଦ୍ୟାଳୟ ସହିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମାଙ୍କର ପୂଜାର୍ଚ୍ଚନା କରିବା ସହିତ ଛାତ୍ରଛାତ୍ରୀ ମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀ ମାନେ ଆନନ୍ଦ ଉଲ୍ଲାସରେ ନୂଆନୂଆ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ସହରର ସବୁଆଡେ ଘୁରିବୁଲି ସୁନ୍ଦରତାକୁ ଅଧିକ ବଢାଇବାରେ ଲାଗିଛନ୍ତି।




ଆଧୁନିକ ଫେସନ ଭାବେ ପୂଜା ପେଣ୍ଡାଲ ଓ ଦେବୀଙ୍କ ସମ୍ମୁଖରେ ସେଲଫୀ ଓ ରିଲ୍ସ ବନାଇବାର ଦୃଶ୍ୟ ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଧିକ ଆଗ୍ରହ ଆଣିଥିବାର ଦେଖିବାକୁ ମିଳୁଛି।

**ସିମୁଳିଆ:** ବିଦ୍ୟା, ବୁଦ୍ଧି ଏବଂ ଜ୍ଞାନ ଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ସିମୁଳିଆ ବ୍ଲକର ପ୍ରତି ପଞ୍ଚାୟତରେ ଥିବା ସ୍କୁଲ, କଲେଜ ଓ କ୍ଲବରେ ପାଳିତ ହୋଇଛି। ମାର୍କୋଣା ବଜାର ସାହି ମା' ସରସ୍ୱତୀ ପୂଜା ୩୫ ବର୍ଷରେ ପଦାର୍ପଣ ହୋଇଛି। ସକାଳେ କଳସ ଆଣି ରୀତିନୀତି ନିୟମ ଅନୁସାରେ ପଣ୍ଡିତ ମା' ସରସ୍ୱତୀଙ୍କର ପୂଜାର୍ଚ୍ଚନା କରିଥିଲେ।

**ନୀଳଗିରି:** ନୀଳଗିରି ଉପଖଣ୍ଡର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କ୍ଲବ ମାନଙ୍କରେ ମା' ବାଗ୍‌ଦେବୀଙ୍କ ପୂଜା ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ରତ୍ନାକର ଟାଉନ ହାଇସ୍କୁଲ, କୈଳାସ ଚନ୍ଦ୍ର ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡ଼ିଭାଇନ ଶିକ୍ଷାନୁଷ୍ଠାନ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ନୀଳଗିରି ମହାବିଦ୍ୟାଳୟ ମହିଳା ମହାବିଦ୍ୟାଳୟ, ସାନଅତା ଫ୍ରେଣ୍ଡସ କ୍ଲବ, ଘାଟଘରସାହି ପ୍ରଗତି କ୍ଲବ, କଦମସାହି ବୁଷ୍ଟାର କ୍ଲବ, ବରିସାହି ୟଙ୍ଗ ଷ୍ଟାର କ୍ଲବ, ପଣ୍ଡା ଅଫିସ ଛକରେ, ସଜନାଗଡ଼ରେ ମା' ଭୁଦାରଚଣ୍ଡୀ ଉଚ୍ଚ ବିଦ୍ୟାଳୟ, ଅଯୋଧ୍ୟା ପି.ଏମ୍. ହାଇସ୍କୁଲ, ବରହମପୁର ଦୀନବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ, ସନ୍ତରାଗଡ଼ିଆ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଓ ସନ୍ତରାଗଡିଆ ବାବା ପଞ୍ଚଲିଙ୍ଗେଶ୍ୱର କଲେଜ, ଇଶ୍ୱରପୁର ହାଇସ୍କୁଲ, ଗଙ୍ଗାଧର ପ୍ରସାଦ ଉଚ୍ଚ ବିଦ୍ୟାଳୟ, ମିତ୍ରପୁର ଚାଚାଜୀ ହାଇସ୍କୁଲ,ମିତ୍ରପୁର ନୋଡାଲ ହାଇସ୍କୁଲ , ନୀଳଗିରି ସଂସ୍କୃତ ମହାବିଦ୍ୟାଳୟ, ମିତ୍ରପୁର ସୂର୍ଯ୍ୟଚୂଡ ମହାବିଦ୍ୟାଳୟ, ଅଯୋଧ୍ୟା ଆଞ୍ଚଳିକ ମହାବିଦ୍ୟାଳୟ, ବରହମପୁର ଯୁକ୍ତ ଦୁଇ ଓ ଡିଗ୍ରୀ ମହାବିଦ୍ୟାଳୟ, ସନ୍ତରାଗଡ଼ିଆ ମହାବିଦ୍ୟାଳୟ, ବିଭିନ୍ନ କ୍ଲବ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ମା' ବାଗ୍ ଦେବୀଙ୍କ ପୂଜା ପାଳିତ ହୋଇଯାଇଛି। ବିଶେଷ କରି ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ଛାତ୍ର ଛାତ୍ରୀ ରଙ୍ଗ ବେରଙ୍ଗ ବସ୍ତ୍ର ପରିଧାନ କରି ହାତରେ ଧୂପ, ଦୀପ, ଚନ୍ଦନ, ଫୁଲ, ଫଳ ନେଇ ମା'ଙ୍କ ପୂଜା କରିଥିଲେ। କ୍ଲବ ଗୁଡ଼ିକରେ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ସଜା ସହିତ ତୋରଣ ବେଶ ଚିତା କର୍ଷକ ହୋଇଥିଲା। ଭଜନ, କୀର୍ତ୍ତନ, ପ୍ରସାଦ ସେବନ ହେଉଥିବାର ଦେଖିବାକୁ ମିଳିଛି।



ଜଳେଶ୍ୱର ବ୍ଲକ: ଶିଳ୍ପୀ ଅଜୟ ଘୋଷଙ୍କ ବାଲୁକା କଳାରେ ମା' ସରସ୍ୱତୀ

## କଳିଙ୍ଗ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ



**ଭୋଗରାଇ, ୨୩।୧ (ସମିସ):** ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଥାନାଛକ ଆନନ୍ଦବଜାରସ୍ଥିତ କଳିଙ୍ଗ ପବ୍ଲିକ ସ୍କୁଲରେ ଚଳିତ ଶିକ୍ଷା ବର୍ଷର ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଦୁର୍ଗାଶଙ୍କର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବ୍ଲକ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଶ୍ରୀବସ୍ତପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦନ କୁମାର ଜେନା ପ୍ରମୁଖ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବି. ଏନ. ଏକାଡେମୀ କଖଡ଼ାର ବିଜ୍ଞାନ ଶିକ୍ଷକ ସୌଭାଗ୍ୟ କୁମାର ଦେ ଓ ଏସ. ଏମ. ସରକାରୀ ଉଚ୍ଚ ବିଦ୍ୟାଳୟ ବହ୍ଲାରପୁର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ଦାସ ନିର୍ଣ୍ଣାୟକ ଭାବେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷା ପୂର୍ଣ୍ଣିମା ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଏବଂ ଶିକ୍ଷକ ଅନୁପମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦର୍ଶନୀରେ ମୋଟ ୨୯ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ସେଥିରୁ କନିଷ୍ଠ ଓ ବରିଷ୍ଠ ବିଭାଗର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ବିଜ୍ଞାନ ଶିକ୍ଷକ ମାନଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ପୃଥକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ମହୁଲଡିହା, ୨୩।୧(ସମିସ):** ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଗୋଡଭଙ୍ଗା ଠାକୁରାଣୀ ବାଙ୍କରୁ ୫୦୦ ମିଟର ଦୂରତାରେ ପୃଥକ୍ ପୃଥକ୍ ସ୍ଥାନରେ ଦୁଇଟି ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ମହୁଲଡିହା ଥାନା ଅନ୍ତର୍ଗତ ଗୋଡ଼ଭଙ୍ଗା ଠାକୁରାଣୀ ବାଙ୍କରେ ୨୨ ତାରିଖ ମଧ୍ୟରାତ୍ରରେ ଏକ କୁଣ୍ଡା ବୋଝେଇ



ଟ୍ରକ୍ ଓଲଟି ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଟ୍ରକ୍‌ଟି ରାଇରଙ୍ଗପୁରରୁ କୁଣ୍ଡା ବୋଝେଇ କରି ତାମିଲନାଡୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ସକାଳ ପ୍ରାୟ ୮ଟା ସମୟରେ ଗୋଡଭଙ୍ଗା ଫରେଷ୍ଟ ବିଟ୍ ନିକଟରେ ଭୁବନେଶ୍ୱରରୁ ଜାମସେଦପୁର ଅଭିମୁଖେ ଯାଉଥିବା ଏକ କାର୍ ସହିତ ବିପରୀତ ଦିଗରୁ ଆସୁଥିବା ସ୍କୁଟି ସହ ଧକ୍କା ହେବାରୁ ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିଲେ। ସ୍କୁଟି ଚାଳକ ଜଣକ ହେଉଛନ୍ତି ଆନନ୍ଦପୁର ଥାନା ବେଲଦା ଗ୍ରାମର ଜଗନ୍ନାଥ ସିଂ (୨୩)। ସେ ବନ୍ଧୁଘର ଗୟଳମୁଣ୍ଡାରୁ ଘରକୁ ଯାଉଥିବାବେଳେ ହମ୍ପସରେ ଭାରସାମ୍ୟ ହରାଇ କାରକୁ ଧକ୍କା ଦେଇଥିଲେ। କାର୍ ଚାଳକ ଗୁରୁତର ଜଗନ୍ନାଥଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଜଗନ୍ନାଥଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ମହୁଲଡିହା ଥାନା ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଅସହାୟ ରମାକାନ୍ତଙ୍କୁ ସହଯୋଗ କଲେ ଯୁବନେତା

**ଖଇରା,୨୩।୧ (ସମିସ):** ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ଅଧୀନ ବାସିଦ୍ଦିପୁର ଗ୍ରାମର ରମାକାନ୍ତ ବେହେରା ଗତ ଏକମାସ ତଳେ ବିଲରେ ଧାନ କାଟିବା ବେଳେ ଧାନ କଟା ମେସିନ୍‌ରେ ତାଙ୍କର ଡାହାଣ ଗୋଡ଼ କଟିଯାଇଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଆଉ ପୁନର୍ବାର ଲଗାଯାଇ ପାରିହୋଇ ନ ଥିଲା। ଭରସା ଥିଲା ବାମ ଗୋଡ଼କୁ, ହେଲେ ମେସିନରେ ଦୁର୍ଘଟଣା ଘଟି କ୍ଷତିଗ୍ରସ୍ତ ହୋଇ ଥିବା ସେ ଗୋଡ଼ଟି ଏବେ ବି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏବେ ସମ୍ପୁର୍ଣ୍ଣ ଅଚଳ ହୋଇ ପଡ଼ିଥିବା ବେଳେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ପରିବାର ପ୍ରତିପୋଷଣ ସହିତ ନିଜେ ଏବେ ଅସହାୟ ଅବସ୍ଥାରେ ବିଛଣାରେ ପଡି ରହି ଭାଗ୍ୟକୁ ଆଦରି ନେଇଛନ୍ତି ରମାକାନ୍ତ। ଦିନ ମଜୁରିଆ ସହିତ ଭାଇ ଚାଷ କରି ଚଳାଉ ଥିଲେ ପରିବାର। ସ୍ତ୍ରୀ ସମେତ ଦୁଇ ବଢିଲା



ଝିଅ ଅଛନ୍ତି। ଜଣେ କଲେଜ +୩ ପଢୁଥିବା ବେଳେ ଜଣେ ଅର୍ଥ ଅଭାବରୁ +୨ ପଢିବା ପରେ ପାଠପଢ଼ା ବନ୍ଦ କରିଦେଇଛନ୍ତି। ଏହି ପରିବାରକୁ ଯୁବନେତା ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ ଇଂ ରାଜେଶ କୁମାର ମହାକୁଡ଼ ଭେଟି ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆଗାମୀ ଦିନରେ କେମିତି ସରକାରୀ ସାହାଯ୍ୟ ପାଇବେ ସେ ବାବଦରେ ଆଲୋଚନା କରିବା ସହିତ ସହଯୋଗର ହାତ ବଢ଼ାଇଥିବାବେଳେ ତାଙ୍କର ବ୍ୟକ୍ତିଗତ ଭାବେ ଏକ କୃତ୍ରିମ ଗୋଡ ଲଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହିତ ମଣ୍ଡଳ ସଭାପତି ମାନସ ମୁଦୁଲି, ବରିଷ୍ଠ ବିଜେପି ନେତା ମହେଶ୍ୱର ନାଥ, ଯୁବନେତା ଦିନେଶ ଜେନା, ଉମେଶ ଗାହାଣ ଓ ଗ୍ରାମ ବାସୀ ଉପସ୍ଥିତ ଥିଲାବେଳେ ସରକାର ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା




**ବାଲିଆପାଳ, ୨୩।୧ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ଅନ୍ତର୍ଗତ ପାକମୁଡିସ୍ଥିତ କେ.ପି ପବ୍ଲିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ରାଜିବ ଲୋଚନ ପାତ୍ରଙ୍କ ପୌରହିତ୍ୟରେ ସିଟି ସ୍କୁଲ୍‌ର ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଘରାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ଭୁବନ ଚନ୍ଦ୍ର ରାଜ, ସମ୍ମାନିତ ଅତିଥି ସମାଜସେବୀ କରୁଣାକର ପାତ୍ର ପ୍ରମୁଖ ଯୋଗଦେଇ ପାଠ୍ୟକ୍ରମ, କ୍ରୀଡା, ନୃତ୍ୟ, ସଙ୍ଗୀତ, ବକ୍ତୃତା ଆଦି ବିଷୟରେ ମାତୃଭାଷା ସହିତ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଆବଶ୍ୟକତା ଅଧିକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅରବିନ୍ଦ କରଣ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ଶୁଭସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇ ଜଣ ସାମ୍ବାଦିକ ରାଜଶ୍ରୀ ପାଣିଗ୍ରାହୀ ଏବଂ ଆଶିଷ କୁମାର ସାହୁଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ରାଜ, ସିନ୍ଧିଶ୍ରୀ ଦାସ, ଶ୍ରାବଣୀ ନାୟକ, ସସ୍ମିତା ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ଘୋଷଯାତ୍ରା ପାଇଁ ଆସିଲା ରଥକାଠ

**ବାରିପଦା, ୨୩।୧(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଘୋଷଯାତ୍ରାର ରଥ ନିର୍ମାଣ ନିମନ୍ତେ ରଥକାଠ ସଂଗ୍ରହ ସହ ଅନୁକୂଳ ହୋଇଛି। ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ଶୁକ୍ରବାର ରଥକାଠ ଅନୁକୂଳ ପୂଜାର୍ଚ୍ଚନା ହୋଇଥିଲା। ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ସତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଶୁଭ ମୁହୂର୍ତ୍ତରେ ରଥ ମହାରଣାଙ୍କ ସମେତ ଅନ୍ୟାନ୍ୟ ସେବାୟତ ରଥ କାଠ ଅନୁକୂଳ ପାଇଁ ଗମନ କରିଥିଲେ। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହୋଇଛି। ପରେ ବାରିପଦା ସହର ନିକଟସ୍ଥ ଗୌଡଡିହା ଜଙ୍ଗଲରୁ ଏହି ରଥକାଠ ସଂଗ୍ରହ କରିବା ସହ ସେବାୟତ ଓ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ କାଠ ସଂଗୃହୀତ ହୋଇଥିଲା। ସେଠାରେ ଚିହ୍ନିତ ହୋଇଥିବା ଗଛକୁ ପୂଜାର୍ଚ୍ଚନା ପୂର୍ବକ ଅନୁମତି ଭିକ୍ଷା କରାଯାଇଥିଲା। ପରେ ଶଙ୍ଖଧ୍ୱନୀ ଓ କୀର୍ତ୍ତନ ପୂର୍ବକ ଗଛ କଟାଯାଇ ଏହାକୁ ରଥଖଳାକୁ ଅଣାଯାଇଥିଲା।



ରଥଖଳାରେ କାଠ ଅନୁକୁଳ ନେଇ ପୂଜା ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୁଳ ପୂଜା ହୋଇଛି। ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ଲାଗି ଆବଶ୍ୟକ ଖଣ୍ଡ କାଠ ଅନୁଯାୟୀ ସଂଗ୍ରହ ହୋଇଛି। ଏହି କାଠକୁ ଚଳିତ ବର୍ଷ ନନ୍ଦିଘୋଷ ରଥର ଅଠର ନାହାକ କାର୍ଯ୍ୟରେ ଲଗାଯିବ ବୋଲି କହିଛନ୍ତି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ରଥକାଠ ସଂଗ୍ରହ କରି କୀର୍ତ୍ତନ ଦଳ ସହ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିରକୁ ଆସିଥିବାବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୁଳ ହେବାର ବିଧି ରହିଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚନ୍ଦନେଶ୍ୱର, ୨୩।୧ (ସମିସ):** ଭୋଗରାଇର ଜଗନ୍ନାଥପୁର ସରକାରୀ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମାଁ ସରସ୍ୱତୀଙ୍କ ପୂଜାବିଧି ପରେ ସନ୍ଧ୍ୟାରେ ଆୟୋଜିତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳଲୋଚନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଲମ୍ବୋଦର ଜେନା ବିବରଣୀ ପାଠ ଓ ଶିକ୍ଷକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ର, ଛାତ୍ରୀ ତଥା ବିଭିନ୍ନ ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଖଗେଶ୍ୱର ପ୍ରାଥମିକ ଓ ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମାପଦ ଦତ୍ତ ସଂଚାଳନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ



ରମାକାନ୍ତ ଭଞ୍ଜ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସୁବାସ ଦାସ, ରବିନ୍ଦ୍ର ପ୍ରଧାନ, ସରପଞ୍ଚ ଅଶୋକ ସାସମଲ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତନ୍ଦ୍ରା ରାଣୀ ଭଞ୍ଜ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବ୍ରତ ଗିରି ପ୍ରମୁଖ ଯୋଗ ଦେଇ ତାଙ୍କ ସୁଚିନ୍ତିତ ଉପଦେଶ ପିଲାମାନଙ୍କୁ ଦାସ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସରପଞ୍ଚ ଆଶିଷ କୁମାର ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାନ୍ତି, ବରିଷ୍ଠ ସାମ୍ବାଦିକ ସୁବାସ ଦାସ ପ୍ରମୁଖ ଯୋଗ ଦେଇ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ନିଜର ଜୀବନ ଶୈଳୀକୁ ଛାତ୍ରଛାତ୍ରୀମାନେ ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଥିଲେ।

## ନେତାଜୀ ଜୟନ୍ତୀ ଓ ରକ୍ତଦାନ ଶିବିର

**ନୀଳଗିରି, ୨୩।୧ (ସମିସ):** ମହାନ ସ୍ୱାଧିନତା ସଂଗ୍ରାମୀ, ଭାରତ ମାତାର ସୁଯୋଗ୍ୟ ସନ୍ତାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି। ପୂର୍ବାହ୍ନ ୯ଘଟିକା ସମୟରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ରାଜ୍ୟମହିଳା କାର୍ଯ୍ୟକାରିଣୀ ଉପଦେଷ୍ଟା କମିଟି ସଦସ୍ୟା ଡ. ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ



ମାଝୀ ପ୍ରମୁଖ ଉପସ୍ଥିତ ଥାଇ ନେତାଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉପସ୍ଥିତ ବିଜେଡ଼ି ନେତୃତ୍ୱ ମାନଙ୍କ ମଧ୍ୟରେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଗଙ୍ଗାଧର ମିଶ୍ର, ପ୍ରମୁଖ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥାଇ ନେତାଜୀଙ୍କ ସ୍ମୃତି ଚାରଣ କରବା ସହିତ ଅଭିଭାଷଣରେ ତାଙ୍କର ଅଭୁଲା ସ୍ମୃତିକୁ ମାନସ ପଟରେ ଉଜ୍ଜୀବିତ କରିଥିଲେ। ପରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ଶୁଚିସ୍ମିତା ଦାସ, ଲାବୋରୋଟାରୀ ଟେକ୍ନିସିଆନ ରାଜେଶ ମିଶ୍ର, ସୌଭାଗ୍ୟବତୀ ପଣ୍ଡା, ସତ୍ୟ ପ୍ରସାଦ ଦାସ, ଉପସ୍ଥାପକ ହେମନ୍ତ ସେଠୀ ଏବଂ ସହଯୋଗୀ ବିଦ୍ୟାଧର ସାହୁ ପ୍ରମୁଖ ସ୍ୱେଚ୍ଛା ସେବୀଙ୍କ ଠାରୁ ସମୁଦାୟ ୭୨ ୟୁନିଟ ରକ୍ତ ସଂଗ୍ରହ ହୋଇ ବାଲେଶ୍ୱର ରକ୍ତ ଭଣ୍ଡାରକୁ ନେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମହୁଲଡିହା, ୨୩।୧(ସମିସ):** ମହୁଲଡିହା ଥାନା ଅନ୍ତର୍ଗତ ଗୋଡ଼ଭଙ୍ଗା ଧାତିକିଡିହା ରାସ୍ତାର ସୀମାନ୍ତ ତରଡ଼ିଆ ଡ୍ୟାମ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ମହୁଲଡିହା ଥାନା ପୁଲିସ। ମୃତକ ଜଣକ ଆନନ୍ଦପୁର ଥାନା ଭୋଗପୁର ଗ୍ରାମର କୃପା ନାଏକଙ୍କ ପୁଅ ଆକାଶ (୨୩)। ୨୨ ତାରିଖ ସନ୍ଧ୍ୟାରେ ଆକାଶଙ୍କ ମୃତଦେହ ତରଡ଼ିଆ ଡ୍ୟାମ ତଳେ ଥିବା ଏକ ଆମ୍ବ ଗଛରେ ଗାମୁଛାରେ ବନ୍ଧା ହୋଇ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ନିକଟରେ ସାଇକଲ ଓ ମୋବାଇଲ ପଡ଼ିଥିଲା। ପାଖରେ ପଡ଼ିଥିବା ବାଲିରେ ଜଣେ ଯୁବତୀଙ୍କ ନାମ ଲେଖାଯାଇଥିବାରୁ ଏହା ଏକତରଫା ପ୍ରେମ ବ୍ୟାପାର ବୋଲି ଜଣାପଡ଼ିଛି। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ଓ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଦୁର୍ଘଟଣାସ୍ଥଳରେ ପହଞ୍ଚି ସାଇକଲ ଓ ମୋବାଇଲ ଜବତ କରିବା ସହ ମୃତଦେହକୁ ଉଦ୍ଧାର କରିଛନ୍ତି। ଏ ନେଇ ଥାନାରେ ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛନ୍ତି।

## ବସ୍ତା ଏନ୍ଏସି ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ

# ପଞ୍ଚାୟତ ତାଲିକାରୁ ସମ୍ପୂର୍ଣ୍ଣ ହଟିଲା ସଦାନନ୍ଦପୁର

ବସ୍ତା ବ୍ଲକ, ୨୩।୧ (ସମିସ)

ଓଡ଼ିଶା ସରକାରଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ନୂତନ ଏନ୍ଏସି ଘୋଷଣା ତାଲିକାରେ ବସ୍ତା ଏନ୍ଏସି ସ୍ଥାନ ପାଇଛି। ଗତ ୩୧ ତାରିଖ ରେ ବସ୍ତା ଏନ୍ଏସିର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ବ୍ୟାପକ ସରକାରୀ କାର୍ଯ୍ୟକ୍ରମର ଏନ୍ଏସି ପ୍ରସ୍ତୁତି ଆରମ୍ଭ ହୋଇଛି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ୩୧ଟି ପଞ୍ଚାୟତ ରହିଛି। ତେବେ ଏନ୍ଏସିରେ ସମ୍ପୂର୍ଣ୍ଣ ସଦାନନ୍ଦପୁର ପଞ୍ଚାୟତ ନୂତନ ଏନ୍ ଏ ସି ମଧ୍ୟରେ ଯାଉଥିବାରୁ ବସ୍ତା ପଞ୍ଚାୟତ ସମିତି ତାଲିକାରୁ ବାଦ ପଡିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବସ୍ତା ବ୍ଲକର ୩୦ଟି ପଞ୍ଚାୟତ ନିର୍ବାଚନ ପର୍ବ ପାଳିତ ହେବ। ୨୦୧୧ ଜନଗଣନା ଅନୁସାରେ ନୂତନ ଏନ୍ଏସି ୧୦ ହଜାର ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ କୁ ସାମିଲ କରିବାକୁ ପ୍ରବି ଧାନ ଥିବା ବେଳେ ନୂତନ ଏନ୍ଏସି ତାଲିକାରେ ସମ୍ପୂର୍ଣ୍ଣ ସଦାନନ୍ଦ ପୁର ପଞ୍ଚାୟତ ସହିତ ବ୍ରାହ୍ମଣଦା ପଞ୍ଚାୟତର ୩ ଟି ରାଜସ୍ୱ ଗ୍ରାମ ସହିତ ବାହାର୍ଦ୍ଧା ପଞ୍ଚାୟତର ୨ଟି ରାଜସ୍ୱ ଗ୍ରାମ ସାମିଲ ହୋଇଛି। ଏହି କ୍ରମରେ ସଦାନନ୍ଦପୁର ପଞ୍ଚାୟତର ସରପଞ୍ଚ, ନୟବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟ ସଭ୍ୟାଙ୍କ କ୍ଷମତାକୁ ଅପସାରଣ କରାଯିବା ସହିତ ସମସ୍ତ କାଗଜପତ୍ର ଏନ୍ଏସି ଅଧିକାରୀ ଦାୟିତ୍ୱରେ ଥିବା କାର୍ଯ୍ୟାଳୟକୁ ହସ୍ତାନ୍ତର ପାଇଁ ଗତ ୨୨ଜାନୁଆରୀ ୨୦୨୬ରେ ଚିଠି ନମ୍ବର-୧ରେ ନିର୍ଦ୍ଦେଶ ଦିଆ ଯାଇଛି। ଏନ୍ଏସିର ପରିସୀମା ମଧ୍ୟ ଆସିଛି। ୨୦୧୧ ଜନଗଣନା ଭିତ୍ତିରେ ୧୦ ହଜାର ଲୋକସଂଖ୍ୟାକୁ ନେଇ ଏହି ବସ୍ତା ଏନ୍ଏସି ଗଠିତ ହୋଇଛି। ସଦାନନ୍ଦପୁର ପଞ୍ଚାୟତର ସଦାନନ୍ଦ ପୁର (୧୧୨୩ ଜଣ), ବାର ମାଢ଼ିଆ (୧୬୭୫ଜଣ), ଗୁଣ୍ଡୁରୀ ସାହି (୪୨୦ଜଣ), ଦେଉଳ ପଡା (୪୭୩ ଜଣ), ଭଗବାନ ପୁର (୨୭୭ ଜଣ), ଟିକର୍ ପଡା (୮୬୮ଜଣ), ମାଛିଆ (୮୬୮ଜଣ), ବାଉଁଶ ମୁଖା (୧୨୭୯ ଜଣ) ରାଜସ୍ୱ ଗ୍ରାମ ଏନ ଏ ସି ପରିସର ଭୁକ୍ତ ହୋଇଥିବା ବେଳେ ବ୍ରାହ୍ମଣଦା ପଞ୍ଚାୟତର ୩ ରାଜସ୍ୱ ଗ୍ରାମ ମଧ୍ୟରେ ରଣା ମୁଣ୍ଡୁଲୀ (୮୭୮ଜଣ), ଗୋବର୍ଦ୍ଧନପୁର (୨୧୬ଜଣ), ମଧୁ ଭଣ୍ଡା (୩୮୦ ଜଣ) ରାଜସ୍ୱ ଗ୍ରାମ ଏନ୍ ଏ ସି ପରିସର ଭୁକ୍ତ ହୋଇଛି। ସେହିପରି ବାହାର୍ଦ୍ଧା ପଞ୍ଚାୟତ ର ୨ଟି ରାଜସ୍ୱ ଗ୍ରାମ ମଧ୍ୟରେ ବାହାର୍ଦ୍ଧା (୧୧୪୯ ଜଣ) ଓ ଉପର ତାପଣ୍ଡା (୬୯୪ ଜଣ) ଙ୍କୁ ବସ୍ତା ଏନ୍ଏସିରେ ସାମିଲ ହୋଇଛି। ୧୩ ଟି ରାଜସ୍ୱ ଗ୍ରାମ ର ୧୦ ହଜାର ୩୧୦ ଜଣ ଲୋକସଂଖ୍ୟାକୁ ନେଇ ବସ୍ତା ଏନ୍ ଏ ସି ଗଠିତ ହୋଇଛି। ସେହିପରି ପୂର୍ବ ର ୬୦ ନମ୍ବର ଜାତୀୟ ରାଜପଥ କୁଡିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପଶ୍ଚିମ ରେ ପତ୍ରଝଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଉତ୍ତରରେ ବାହାର୍ଦ୍ଧା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଦକ୍ଷିଣ ରେ ବ୍ରାହ୍ମଣଦା ପଞ୍ଚାୟତ କାର୍ଯ୍ୟାଳୟ ନବଗଠିତ ବସ୍ତା ଏନ୍ଏସିର ପରିସୀମା ନିର୍ଦ୍ଧାରିତ ହୋଇଥିବା ସରକାରୀ ଭାବେ ଜଣା ପଡିଛି। ନବଗଠିତ ଏନ୍ଏସିର କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏନ୍ଏସି କାର୍ଯ୍ୟାଳୟ ପାଇଁ ଜାଗା ଚିହ୍ନଟ ପାଇଁ ବସ୍ତା ତହସିଲଦାରଙ୍କୁ ଚିଠି ହୋଇଥିବା ବେଳେ ବ୍ୟାଙ୍କ ଖାତା ଖୋଲିବା ପାଇଁ ନଗରଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କୁ ଚିଠି ହୋଇଥିବା ଜଣାପଡିଛି। ସେହିପରି ବ୍ରାହ୍ମଣଦା ଓ ବାହାର୍ଦ୍ଧା ପଞ୍ଚାୟତରେ ଏନ୍ଏସିରେ ଆସୁଥିବା ରାଜସ୍ୱ ଗ୍ରାମର ଉନ୍ନତି ମୂଳକ କାର୍ଯ୍ୟବନ୍ଦ ସହିତ ସରକାରୀ କାଗଜ ପତ୍ର ବସ୍ତା ଏନ୍ଏସି କାର୍ଯ୍ୟାଳୟକୁ ହସ୍ତାନ୍ତର କରିବା କୁ ବ୍ରାହ୍ମଣଦା ଓ ବାହାର୍ଦ୍ଧା ସରପଞ୍ଚଙ୍କୁ ଚିଠି ହୋଇଛି। ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା ଙ୍କୁ ନୂତନ ଏନ୍ ଏ ସି ର ନିର୍ବାହୀ ଅଧିକାରୀ ଅତିରିକ୍ତ ଦାୟିତ୍ୱ ଦିଆ ଯାଇଥିବା ଜଣା ପଡ଼ିଛି।

## ଭୋଲାଭଣ୍ଡାରି ଅନ୍ନଦାତା ପରିବାର ପକ୍ଷରୁ ଅସହାୟଙ୍କ ଶବ ସତ୍କାର

ଜଳେଶ୍ୱର ବ୍ଲକ, ୨୩।୧ (ସମିସ): ଆଜିର ଆଧୁନିକତା ଚାକଚକ୍ୟରେ ମଧ୍ୟ ରହିଛି କୁ ପ୍ରଭାବ ଛୁଆ ଅଛୁଆ ଭେଦ ଭାବ ସେଥିପାଇଁ ତ ଜଣେ ଅସହାୟ ଗରିବ କୃଷ୍ଣ ରୋଗୀ ଖଗେନ୍ଦ୍ର ରଣାଙ୍କ ମୃତ୍ୟୁ ପରେ କେହି ତାଙ୍କୁ ଛୁଇଲେ ନାହିଁ କି ସାହି ପଡ଼ିଶାରେ ଶବ ସତ୍କାର କରିବା ପାଇଁ ଆସିଲେ ନାହିଁ। ସେଥିପାଇଁ ଶେଷରେ ଜଳେଶ୍ୱର ଅଞ୍ଚଳର ଗରିବ ଅସହାୟ ଅନାଥ ମାନଙ୍କର ଅନ୍ନଦାତା ଭାବରେ ସାରା ରାଜ୍ୟରେ ପରିଚିତ ସ୍ୱେଚ୍ଛାସେବୀ ସଙ୍ଗଠନ ଭୋଲାଭୋଣ୍ଡରି ଅନ୍ନ ଦାତା ପରିବାରର ହରି ଶଙ୍କର ପରିଡ଼ା ଏବଂ ତାଙ୍କ ସହୋଯୋଗୀଙ୍କ ସହିତ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ଗୋବରଘୋଟା ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ଚନ୍ଦନ କର ଏବଂ କିଛି ସେଚ୍ଛା ସେବୀ ମାନଙ୍କ ପ୍ରଚେଷ୍ଟା ବଳରେ କୃଷ୍ଣ ରୋଗୀ ଖଗେନ୍ଦ୍ର ରଣାଙ୍କ ଶବକୁ ସୁବର୍ଣ୍ଣରେଖା ନଦୀ କୂଳରେ ଶବ ସତ୍କାର କରାଯାଇ ଥିଲା।



## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଜଳେଶ୍ୱର,୨୩।୧ (ସମିସ): ଜଳେଶ୍ୱର ସ୍ଥିତ ଗାନ୍ଧୀସେବାଶ୍ରମ ଓ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମିଳିତ ସହଯୋଗରେ ଦୁଇ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସେବାଶ୍ରମରସଭାପତିସିତାଂଶୁସେନାପତିଙ୍କ ପୌରୋହିତ୍ୟରେ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଗାନ୍ଧୀସେବାଶ୍ରମର ଅନ୍ତେବାସୀ, କର୍ମଚାରୀମାନଙ୍କ ସହ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି,କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି,ଅବଦୁଲ ସମ୍ମତ ଖାଁ, ରକ୍ତଦାତାସଂଘରଜିଲ୍ଲାସଭାପତି କମଳ କୁମାର ଚକ୍ରବର୍ତ୍ତୀ, ଶିକ୍ଷାବିତ ଅଜିତ ମହାନ୍ତି, ଅନନ୍ତ ଦତ୍ତ, ନିତ୍ୟାନନ୍ଦ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେବାଶ୍ରମର ସୁପରିଟେଣ୍ଡେଣ୍ଟ ସରୋଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ମନମୟୀ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



କାଳିପଦା,୨୩।୧ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଡାଙ୍ଗପିଟା ମନମୟୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସରସ୍ୱତୀ ପୂଜା ଅବସରରେ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ବୃଷକେତୁ ଗୋଚ୍ଛାୟତ ସଭାରେ ପୌରାହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ମୁଖ୍ୟ ବକ୍ତାଭାବେ ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ସମ୍ମାନିତ ଅତିଥିଭାବେ ରବୀନ୍ଦ୍ର ନାଥ ବିଶ୍ୱାଳ, ହରିପଦ ମହାନ୍ତି, ମହେନ୍ଦ୍ର କୁମାର ପଡ଼ିଆରୀ, କାର୍ତ୍ତିକ ଚନ୍ଦ୍ର ଜେନା, ହରେକୃଷ୍ଣ ରାଉତ, ସିଆରସିସି ରତିକାନ୍ତ ମଲ୍ଲିକ , ମନ୍ମଥ କୁମାର ରାଉତ, ନିଆସୀ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ ଆଦର୍ଶ ଛାତ୍ର ଗଠନ ଓ ଦେଶ ପାଇଁ ସେମାନଙ୍କ କର୍ତ୍ତବ୍ୟ ବିଷୟରେ ଉଲ୍ଲେଖ କରିଥିଲେ। କୃତୀ ଶିକ୍ଷକ ଓ କବି ନଳିନୀ କାନ୍ତ ପାଢ଼ୀ ମଞ୍ଚ ଆବାହନ ଓ ବେଦ ପାଠ କରିଥିବା ବେଳେ ଶିକ୍ଷକ ସରୋଜ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ, ଛବିରାଣୀ ବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରିଚଲାଇସ ଅନୁଷ୍ଠାନ ପକ୍ଷରୁ ପ୍ଲାଷ୍ଟିକ ଓ ଫାଷ୍ଟ ଫୁଡ ବର୍ଜନୀୟ ଉପରେ ଅନୁଷ୍ଠିତ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମେଡାଲ ଓ ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ।ଏସ ଏମ ସି ସଦସ୍ୟ ଓ ସଦସ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ

ବାଲେଶ୍ୱର,୨୩।୧(ସମିସ): ସ୍ଥାନୀୟ କୁରୁଡା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସର ମଧ୍ୟରେ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ଓ ଜ୍ଞାନଯଜ୍ଞ ଉଦଯାପନୀ ଉତ୍ସବରେ ପ୍ରବଚକ ପଣ୍ଡିତ ହୃଦାନନ୍ଦ ସାହୁଙ୍କୁ ଉତ୍କଳ ତୁଳସୀ ସମ୍ମାନ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ପଣ୍ଡିତ ଗୋପାଳ ଚନ୍ଦ୍ର ରାଜଗୁରୁଙ୍କୁ ମାନସ ମହୋଦଧି ସମ୍ମାନରେ ସମ୍ମାନିତ କରାଯାଇଥିଲା। କମିଟି ସଭାପତି ସାବିତ୍ରୀ ଜେନା ଓ ସମ୍ପାଦକ ଶରତ କୁମାର ଜେନା ଆୟୋଜିତ ହନୁମାନ ଚାଳିଶା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ମାଆ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ବିଭିନ୍ନ ବିଦ୍ୟାଳୟର ପିଲା ମାନଙ୍କୁ ନେଇ ଅନୁଷ୍ଠିତ ଏକ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀଧର ବେହେରା ଓ ମହେଶ କୁମାର ଚଣ୍ଡ କର୍ତ୍ତା ଭାବରେ ଓ ବ୍ୟାସ ନୟନ କୁମାର ଆଚାର୍ଯ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ଦେବେନ୍ଦ୍ର ମହାନ୍ତି ପରିଚୟ ଓ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଂଯୁକ୍ତା ପ୍ରଧାନ ପୁରସ୍କାର ବିତରଣ ରେ ସହଯୋଗ କରିଥିଲେ। ସଭାପତି ସାବିତ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍ଆର କୋଚିଂ ସେଣ୍ଟରରେ ସରସ୍ୱତୀ ପୂଜା

ଭୋଗରାଇ, ୨୩।୧ (ସମିସ) : ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଦେଉଳା ହାଟ ବନ୍ଧନ ବେକ ପାଶ୍ଚାତ୍ୟ ଏନ୍ ଆର୍ କୋଚିଂ ସେଣ୍ଟରରେ ସରସ୍ୱତୀ ପୂଜା ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଚିଂ ସେଣ୍ଟରର ଅଧ୍ୟକ୍ଷ ଆକାଶ ପ୍ରଧାନ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଇଂରାଜୀ ବିଭାଗର ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଦାସ, ସମାଜସେବୀ ଅରବିନ୍ଦ ତୋଳା, ଝାଡେଶ୍ୱର ପ୍ରଧାନ, ଯୋଗଦେଇ ଥିଲେ। ଏହି ପରିସରରେ ୨୦୨୪ ବର୍ଷର + ୨ କଳା ଓ + ୩ କଳା ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ସୁମନ ଦାସ, ହିମାଂଶୁ ରାଉଳ, ଜୟକାନ୍ତ ଜେନା, ଅଭିମନ୍ୟୁ ଘଡାଇ, ଛାତ୍ରୀ ସୁସ୍ମିତା ପ୍ରମାଣିକ, ଧରିତ୍ରୀ ପାତ୍ର, ସଙ୍ଗୀତ ମହାନ୍ତି ଆଦି ବହୁସଂଖ୍ୟକ ଛାତ୍ରଛାତ୍ରୀ ଏହି ବନ୍ଧୁ ମିଳନରେ ସହଯୋଗ କରିଥିଲେ।



## ନାବଦା ସାର୍ବଜନୀନ ଶ୍ରୀପଞ୍ଚମୀ ମେଳା ଉଦ୍‌ଘାଟିତ

ରାଜଘାଟ, ୨୩।୧ (ସମିସ): ବସ୍ତା ବ୍ଲକ୍ ଅନ୍ତର୍ଗତ ପାଉଁଶକୁଲି ପଞ୍ଚାୟତର ନାବଦା ଗ୍ରାମରେ ୧୨ ତମ ସାର୍ବଜନୀନ ସରସ୍ୱତୀ ପୂଜା ଅବସରରେ ଆସନ୍ତାକାଲି ଠାରୁ ୬ ଦିନ ବ୍ୟାପୀ ଶ୍ରୀ ପଞ୍ଚମୀ ମେଳା, ମହୋତ୍ସବ, ରକ୍ତଦାନ ଶିବିର, କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଏ ନେଇ ଗ୍ରାମ୍ୟ ମୁଖ୍ୟ ଅରୁଣ କୁମାର ନନ୍ଦି ଓ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡସଭ୍ୟ ନିର୍ମଳ ପାତ୍ର,ଗ୍ରାମ୍ୟ କୋଷାଧ୍ୟକ୍ଷ ସରୋଜ ପାତ୍ର, ବରେନ୍ଦ୍ର ପରିଡା, ମୂରଲୀଧର ପାଳ,ବରେନ୍ଦ୍ର ପାତ୍ର, ଗୌରାଙ୍ଗ ଜେନା, ସମସ୍ତ ଗ୍ରାମବାସୀ ଓ ୟଥ୍ ଷ୍ଟାର କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ବାବଦରେ ଆଲୋଚନା କରିଥିଲେ। ଗ୍ରାମ୍ୟ କମିଟି ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହ ଆସନ୍ତା ୨୮ ତାରିଖ ଯାଏଁ ହେବାକୁ ଥିବାବେଳେ ସ୍ଥାନୀୟ ସରପଞ୍ଚ ବିଦ୍ୟୁବାଳା ସେନାପତି ଆଜି ଏହାକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସମାରୋହ ରେ ଆୟୋଜିତ ସାଂସ୍କୃତିକ ଓ ସଭା କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ବରିଷ୍ଠ ନେତା ଅନାଦି ଦାସ, ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ, ରାମଚନ୍ଦ୍ର ବେଶ୍ରା, ରାଜ୍ୟ କଂଗ୍ରେସ ର ମୁଖପାତ୍ର ସୁଦର୍ଶନ ଦାସ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ କାର୍ତ୍ତିକ ଚନ୍ଦ୍ର ପାତ୍ର ଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।



## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନେତାଜୀ ଜୟନ୍ତୀ

ରେମୁଣା, ୨୩।୧ (ସମିସ): ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଜୟନ୍ତୀ, ସରସ୍ୱତୀ ପୂଜା, ପୂର୍ବଛାତ୍ର ସମ୍ମିଳନୀ, ମାତୃ ସମ୍ମଳନୀ ଓ ବିଦ୍ୟାରମ୍ଭ ଯଜ୍ଞ ପାଳିତ ହୋଇ ଯାଇଅଛି। ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର କୁମାର ବାରିକ ମାତୃ ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ବୃନ୍ଦାବତୀ ବେହେରା ଯୋଗ ଦେଇ ମାଆ ମାତନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥାପନ କରିଥିଲେ। ସଂପାଦକ ସରୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନିବେଦିତା ଦାସ, ରବିନାରାୟଣ ପାଣିଆ ଏବଂ ସବିତା ପ୍ରଧାନ ମିଳିତ ଭାବେ ସଂଚାଳନ କରିଥିଲେ। ନେତାଜୀ ଜୟନ୍ତୀ ଓ ପୂର୍ବଛାତ୍ର ସମ୍ମଳନୀରେ ମୁଖ୍ୟବକ୍ତା ଭାବେ ପୂର୍ବ କ୍ଷେତ୍ରମନ୍ତ୍ରୀ ଲକ୍ଷ୍ମୀକାନ୍ତ ମହାରଣା ଦେଶ ଗଠନର ଛାତ୍ରଛାତ୍ରୀମାନଙ୍କର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସଭାପତି ମନ୍ମଥ କରଣ, ସଂପାଦକ ପ୍ରମୋଦ ଦାସ, ବିଳାସିନୀ ବାରିକ, ଭାସ୍କର ଚନ୍ଦ୍ର ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବୃନ୍ଦାବନରୁ ଆସିଥିବା ସନ୍ଥ ସଦାନନ୍ଦ ଓ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର କୋଷାଧ୍ୟକ୍ଷ ପିତାମ୍ବର ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଅଧିକ ଋଦ୍ଧିମନ୍ତ କରିଥିଲେ। ଦେବିକା ମହାରଣା, ରୁକ୍ମିଣୀ ମହାନ୍ତି, ଦମୟନ୍ତୀ ପରିଡ଼ା, ଗୌରାଙ୍ଗ ବେହେରା, ଶ୍ରୀପତି ପାତ୍ର, ହେମନ୍ତ ମହାର୍ଣା, ଜ୍ୟୋତିଷ ସାହୁ ସହଯୋଗ କରିଥିଲେ।

## ଦମୟନ୍ତୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜଘାଟ, ୨୩।୧ (ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ ଆନନ୍ଦପୁର ଦମୟନ୍ତୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା, ସମ୍ମାନିତ ଅତିଥି ସିଆରସିସି ଗଣେଶ ଚନ୍ଦ୍ର ଜେନା, ଅନ୍ୟତମ ଅତିଥି ଶିକ୍ଷାବିତ ବଂଶୀଧର ପାଳ ଯୋଗ ଦେଇ ମନରେ ଆତ୍ମବିଶ୍ୱାସ ରଖି ଶିକ୍ଷା ଲାଭ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ, ଏବଂ ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନଙ୍କୁ ମାନପତ୍ର ଓ ପାଠ୍ୟ ଉପକରଣ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ପରିଚୟ ସହକାରୀ ଶିକ୍ଷୟତ୍ରୀ ଦୀପିକା ପାତ୍ର, ବାର୍ଷିକ ବିବରଣୀ ପାଠ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସାହୁ କରିଥିବା ବେଳେ ଅଞ୍ଜନ ଦାସ, ଗୁରୁଭା ଟୁଡୁ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ମାଳତୀଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଟୋ ସଙ୍ଘ ପକ୍ଷରୁ ନେତାଜୀ ଜୟନ୍ତୀ




ଜଳେଶ୍ୱର, ୨୩।୧(ସମିସ) : ଜଳେଶ୍ୱର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅଟୋ ସଙ୍ଘ ପକ୍ଷରୁ ଜଳେଶ୍ୱର ଷ୍ଟେସନ ସମ୍ମୁଖରେ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ଶ୍ରମିକ ନେତା ଗଣେଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବଣିକ ସଙ୍ଘର ସଭାପତି ସୁଧୀର କୁମାର ମହାନ୍ତି,ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ନାଥ ସେନାପତି, ସମାଜସେବୀ ସିଦ୍ଧାର୍ଥ ଶଙ୍କର ପାଳ, ସମାଜସେବୀ ଦିଲ୍ଲୀପ ଗିରି, କାଉନସିଲର ସୁରଜ ଚୌରାସିଆ, ପ୍ରକାଶ ଚନ୍ଦ୍ର ଦେ, କୁମାର କୃଷ୍ଣ କର, ଖଗେନ୍ଦ୍ର ମହୁରୀ,ଶେଖ ଜମିରୁଦ୍ଦିନ ପ୍ରମୁଖ ଯୋଗ ଦେଇ ଭାରତର ସ୍ୱାଧୀନତା ସଂଗ୍ରାମର ସ୍ୱର୍ଣ୍ଣାଭ ଇତିହାସରେ ଏହି ବୀର ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଓ ସାହସୀକତାର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସଙ୍ଘର ସଭାପତି ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

ଲଙ୍ଗଳେଶ୍ୱର, ୨୩।୧ (ସମିସ): ବାଲିଆପାଳ ବ୍ଲକ ଇନ୍ଦିପଡା ଗ୍ରାମରେ ଟ୍ରି ଫ୍ରେଣ୍ଡସ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା କାଲି ଜୀବନ ଜ୍ୟୋତି ଚାରିଟେବୁଲ ଟ୍ରଷ୍ଟ ଏବଂ କ୍ଲବର ସଦସ୍ୟମାନଙ୍କ ମିଳିତ ସହଯୋଗରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ୨୫ ତାରିଖରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। କ୍ଲବର ସଭାପତି ରଞ୍ଜନ ବିଶ୍ୱାଳ, ଉପସଭାପତି ତ୍ରିନାଥ ବେହେରା, ସମ୍ପାଦକ ଜଗନ୍ନାଥ ସାହୁ , ସହ ସମ୍ପାଦକ ମାନସ ରାଉଳ, ଉପଦେଷ୍ଟା ନିରଞ୍ଜନ କଅଁର, ଗୌରହରି କଅଁର, ବିଜୟ ସେନାପତି, ବାବୁଲା ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ , ସଦସ୍ୟ ସୁଜିତ ବେହେରା, ଚନ୍ଦନ ଦାସ, ସପନ ଦାସ, ଦୀପକ ମହାଳିକ, ଶିବମ କଅଁର, ସୁଶାନ୍ତ ବେହେରା, ସୁବ୍ରତ ସେନାପତି, ଶଶିକାନ୍ତ ବେହେରା, ଅଜୟ ବେହେରା, ଗୌରି ମୋହନ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଜଘାଟ, ୨୩।୧ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସମାଜସେବୀ ରାଧାକୃଷ୍ଣ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡା. କାଳୀପଦ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଭେଲୋରା ସିଆରସିସି ଗଣେଶ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ଗିରି, ସମାଜସେବୀ ଜଗନ୍ନାଥ ଗିରି ପ୍ରମୁଖ ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ବଡ ମଣିଷ ହେବାଠୁ ଭଲ ମଣିଷ ହେବାପାଇଁ ମତବ୍ୟକ୍ତ କରିବା ସହ ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପାଠ୍ୟ ଉପକରଣ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ବେହେରା ଅତିଥି ପରିଚୟ ଓ ଗୁରୁମା ମମତା ରାଣୀ ଦାସ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ଜଗତ କୁମାର ଗିରି, ଗୁରୁମା ସରସ୍ୱତୀ କର, ଶଶୀକଳା ଦାସ, ସଂଯୁକ୍ତା ପାତ୍ର, ସୁଲୋଚନା ସେନାପତି, ସୁନିତା ସାମଲ, ନିରୂପମା ମହାନ୍ତି, ସତ୍ୟଭାମା ପଣ୍ଡା ଓ କନକଲତା ଦାସ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନର ପୋକରା ଚାଉଳ ବଣ୍ଟନ ଅଭିଯୋଗ

ବାହାନଗା,୨୩।୧(ସମିସ)



ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଡ୍ରପ ଆଉଟ ହାର କମାଇବା, ଛାତ୍ରଛାତ୍ରୀଙ୍କୁ ସୁଷମ ମଧ୍ୟାହ୍ନ ଭୋଜନ ବଣ୍ଟନ ପାଇଁ ସରକାର ଏମଡ଼ିଏମ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହି ସବୁ ଯୋଜନା ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ପିଏମଶ୍ରୀ ମଣିଭଦ୍ର ଉଚ୍ଚ ବିଦ୍ୟାଳୟରେ ଖୋଲା ଖୋଲି ଉଲ୍ଲଙ୍ଘନର ଚିତ୍ର ସାମ୍ନାକୁ ଆସିଛି। ସ୍କୁଲରେ ପ୍ରତିଦିନ ୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅନୁପସ୍ଥିତ ରହୁଥିବା ବେଳେ ମଧ୍ୟାହ୍ନ ଭୋଜନ ପ୍ରତି ଛାତ୍ରଛାତ୍ରୀ ବିମୁଖ ହେଉଥିବାର ଦେଖିବାକୁ ମିଳିଛି। ସେପଟେ ସ୍କୁଲ ଛୁଟି ସମୟର ମଧ୍ୟାହ୍ନ ଭୋଜନର ପୋକରା ଚାଉଳକୁ ଛାତ୍ରଛାତ୍ରୀଙ୍କୁ ବଣ୍ଟା ଯାଉଥିବାର ଅଭିଯୋଗ ହୋଇଛି।

ଏବେ ଏହି ସ୍କୁଲରେ ସମୁଦାୟ ପିଲାସଂଖ୍ୟା ୬୪୦ ଜଣ। ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଦାୟିତ୍ୱ ଗାୟତ୍ରୀ ନାମକ ସ୍ୱୟଂ ସହାୟକ ଗୋଷ୍ଠୀ ହାତରେ ରହିଛି। ସ୍କୁଲକୁ ଆସୁଥିବା ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନର ମାନ ଠିକ ରହୁନଥିବାରୁ ମଧ୍ୟାହ୍ନ ଭୋଜନ ଖାଇବା ପ୍ରତି ବିମୁଖ ହେଉଛନ୍ତି ବୋଲି ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ସେପଟେ ସ୍କୁଲ ଛୁଟି ସମୟରେ ସ୍କୁଲରେ ରୋଷେଇ ହୋଇ ନ ଥିବା ବେଳେ ପିଲାଙ୍କୁ ଜାନୁଆରୀ ୬ ତାରିଖରେ ଚାଉଳ ବଣ୍ଟା ଯାଇଥିଲା। ସ୍କୁଲରେ ଓଜନ କଣ୍ଟା ଠିକ ନଥିବା ବେଳେ ବିନା ଯୋଜନରେ ଛାତ୍ରଛାତ୍ରୀଙ୍କୁ ପଲିଥିନରେ ବାନ୍ଧି ଚାଉଳ ବଣ୍ଟା ଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟକର କଥା ଏହା ଯେ ବଣ୍ଟା ଯାଉଥିବା ଚାଉଳରେ ପୋକଲାଗିଥିବା ବେଳେ ପୋକରା ଚାଉଳ ବଣ୍ଟା ଯାଉଥିବର ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି। ସେହିପରି ଛାତ୍ରଛାତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପିଲାଙ୍କୁ ସ୍କୁଲରେ ମାଣ୍ଡିଆ ଲଡ୍ଡୁ ଦିଆଯାଉଛି। ହେଲେ ଅତ୍ୟନ୍ତ ନିମ୍ନମାନର ଲଡ୍ଡୁ ହୋଇଥିବରୁ ତାହା ଶିଶୁ ଖାଉନଥିବାର ଦେଖିବାକୁ ମିଳିଛି। ସେପଟେ ଅଣ୍ଡା ଖାଉନଥିବା ଶିଶୁଙ୍କୁ ଫଳ ଦିଆଯିବାର ନିୟମ ଥିବା ବେଳେ ଏହି ନିୟମର ଧଜିଆ ଉଡାଇଛନ୍ତି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ। ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ପ୍ରତି ବିମୁଖ ହେଉଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ରିକ୍ସା ସାହାଯ୍ୟରେ ଏକ ବେସରକାରୀ ବ୍ୟକ୍ତି ସ୍କୁଲ ଭିତରେ ଦୋକାନ ଖୋଲି ଖାଦ୍ୟ ଯୋଗାଉଛି। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍କୁଲ ପରିସରକୁ ଦୋକାନ ଆଣି ସ୍କୁଲ ପରିସରରେ ବିକ୍ରି କରିବା ଘଟଣା ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରିଛନ୍ତି। ସେପଟେ ପ୍ରତିଦିନ ସ୍କୁଲରେ ୨୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅନୁପସ୍ଥିତ ରହୁଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସ୍ଥାଣୁ ପାଲଟିବା ସମସ୍ତଙ୍କୁ ଚକିତ କରିଛି। ସେପଟେ ୫ ତାରିଖରେ ସ୍କୁଲ କୋଠା ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯିବା ଘଟଣାରେ "ସକାଳ'ରେ ଖବର ପ୍ରସାରଣ ପରେ ୬ ତାରଖରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ୩ ଜଣିଆ ଶିଶୁ ସୁରକ୍ଷା ଟିମ ଘଟଣାର ତଦନ୍ତ ପାଇଁ ଆସିଥିବା ବେଳେ ସ୍ଥାନୀୟ ଅଭିଭାବକ ମାନେ ସ୍କୁଲରେ ବିଭିନ୍ନ ସମସ୍ୟା, ଛାତ୍ରଛାତ୍ରୀଙ୍କୁ ପୋକରାଚାଉଳ ବଣ୍ଟନ ସହ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବାବଦରେ ଅଭିଯୋଗ ଆଣିଥିଲେ। ଘଟଣାକୁ ଦେଖିବା ସହ ଅଭିଯୋଗର ସତ୍ୟତା ଯାଞ୍ଚ କରିଥିଲେ। ୫ ତାରିଖରେ ୬୪୦ ଜଣ ଛାତ୍ରଛାତ୍ରୀରୁ ମାତ୍ର ୩୬୧ ଜଣ ଆସିଥିବା ବେଳେ ୨୭୯ ଜଣ ପିଲା ଅନୁପସ୍ଥିତ ଥିଲେ। ସେହିପରି ୬ ତାରିଖରେ ୨୮୦ ଜଣ ଅନୁପସ୍ଥିତ ଥିଲେ। ଏଥିସହ ଅନ୍ୟ ଅଭିଯୋଗର ସତ୍ୟତା ଥିବାର ଶିଶୁ ସୁରକ୍ଷା ଟିମ ଜାଣିବାକୁ ପାଇଥିଲେ। ଏ ନେଇ ସେ ଜିଲ୍ଲା ସ୍ତରର ଅଧିକାରୀଙ୍କୁ ଅଭିଯୋଗ ବାବଦରେ ଜଣାଇବେ ବୋଲି ପ୍ରତିକ୍ରିୟା ଦେଇଥିଲେ। ହେଲେ ଦୀର୍ଘ ୧୭ ଦିନ ପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଜିଲ୍ଲା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରିଛି। ସେପଟେ ଜିଲ୍ଲା ସ୍ତରର ଜଣେ ଅଧିକାରୀଙ୍କ ଛତ୍ରଛାୟା ତଳେ ପ୍ରଧାନ ଶିକ୍ଷୟିତ୍ରୀ ଘଟଣାକୁ ଚାପିଦେବା ସହ ତଦନ୍ତକୁ ବାଟବଣା କରିବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

ମଣିଭଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ କିରଣବାଳା ମଲ୍ଲିକଙ୍କୁ ପଚାରିବାରୁ ସେ କୁହନ୍ତି, ପୋକରା ଚାଉଳ ବଣ୍ଟା ଯାଇନି, ଲଡ୍ଡୁ ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗାଉଛି, ପିଲା ଛୁଟି ଥିଲେ ଆସୁନାହାନ୍ତି କହି ସଫେଇ ଦେଇଛନ୍ତି। ସେହିପରି ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ କୁହନ୍ତି, ହାଇସ୍କୁଲ ଡ଼ିଇଓଙ୍କ ଅଧୀନରେ ରହିଛି, କ'ଣ ହେଇଛି ଦେଖିବି କହି ଘଟଣାକୁ ହାଲୁକା ଭାବେ ନେଇଛନ୍ତି। ଏହି ଘଟଣାରେ ଜିଲ୍ଲାପାଳ ଦୃଷ୍ଟି ଦେଇ ଘଟଣାର ତଦନ୍ତକରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

